# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 31 December - 2024

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଅଧୀନରେ ଓଡ଼ିଶାକୁ ମିଳିଲା ୬୦୦କୋଟିରୁ ଅଧିକ ଟଙ୍କାର ଅନୁଦାନ ।
- ଚଳିତ ସପ୍ତାହରେ ଭୁବନେଶ୍ୱର ଏବଂ ଝାରସୁଗୁଡା ବିମାନ ବନ୍ଦରରୁ ଦେଶର ୯ଟି ସହରକୁ ଆରମ୍ଭ ହେବ ବିମାନ ସେବା ।
- ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ସମୟସୀମାକୁ ଆସନ୍ତା ଜାନୁଆରୀ ମାସ ଶେଷ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କଲେ ରାଜ୍ୟ ସରକାର ।

ଏବଂ

- ସହିଦ ମାଧୋ ସିଂଙ୍କୁ ତାଙ୍କ ପୁଣ୍ୟତିଥିରେ ରାଜ୍ୟବାସୀ ଜଣାଇଲେ ଶ୍ରଦ୍ଧାଞ୍ଜଳି ।

- ଆସନ୍ତା ୫ ତାରିଖରୁ ରାଜ୍ୟ ସରକାର ମାଧୋ ସିଂ ହାତଖର୍ଚ୍ଚ ଯୋଜନାର କରିବେ ଶୁଭାରମ୍ଭ ।

# ପିଏମ୍ ଉଷା – ଅନୁଦାନ

ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ 'ପିଏମ୍ ଉଷା' ଅଧୀନରେ ଓଡ଼ିଶାକୁ ୬୦୦କୋଟିରୁ ଅଧିକ ଟଙ୍କା ଅନୁଦାନ ମିଳିବ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଇତିମଧ୍ୟରେ ରାଜ୍ୟର ୪ଟି ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ୪୦୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇସାରିଛି । ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଭିତ୍ତିଭୂମିର ବିକାଶ ଏବଂ ଗବେଷଣା କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବାରେ ଏହା ସହାୟକ ହେବ । ତେବେ ଅନୁଦାନ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଦାଖଲ କରିବାକୁ ସଂପୃକ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

# ବିମାନ ଉଡାଣ

ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ଆସନ୍ତାକାଲିଠାରୁ ହାଇଦ୍ରାବାଦ, ରାୟପୁର, ଲକ୍ଷ୍ନୌ ଏବଂ ମୁମ୍ବାଇକୁ ବିମାନ ସେବା ଆରମ୍ଭ ହେବ । ଅନ୍ୟପକ୍ଷରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଆସନ୍ତା ଶୁକ୍ରବାରଠାରୁ ଇନ୍ଦୋର, ଡେରାଡୁନ, କୋଚି, ଜୟପୁର ଏବଂ ଲକ୍ଷ୍ନୌକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସାମାଜିକ ଗଣମାଧ୍ୟମରେ କହିଛନ୍ତି । ବିମାନ ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ ପକ୍ଷରୁ ବିମାନସେବା ମିଳିପାରିବ ବୋଲି କୁହାଯାଇଛି । ସୂଚନାଯୋଗ୍ୟ

ଚଳିତବର୍ଷ ଅକ୍ଟୋବର ମାସରେ ରାଜ୍ୟରୁ ଦେଶର ଭିନ୍ନ ଭିନ୍ନ ସହରକୁ ବିମାନସେବା ଦେବାଲାଗି ନୂତନ ନୀତି ପ୍ରଣୟନ ହୋଇଛି ।

## ବର୍ଷା କ୍ଷୟକ୍ଷତି ପଞ୍ଜୀକରଣ

ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତିର ସୂଚନା ପଞ୍ଜୀକରଣ ଆସନ୍ତା କାଲି ପର୍ଯ୍ୟନ୍ତ ଜାରି ରହିବ । ପୂର୍ବରୁ ଏଥିପାଇଁ ଗତ ରବିବାର ଶେଷ ତାରିଖ ଧାର୍ଯ୍ୟ ହୋଇଥିଲା । କୃଷିରକ୍ଷକ ଆପ୍ କିମ୍ବା ହେଲପଲାଇନ ନମ୍ବର-୧୪୪୪୭ରେ କ୍ଷତିଗ୍ରସ୍ତ ଚାଷୀ ପଞ୍ଜୀକରଣ କରିବା ପାଇଁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଭିଜିଲାନ୍ସର ଅପରାଧିକ ତଥ୍ୟ

ରାଜ୍ୟ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଳିତବର୍ଷର ଅପରାଧିକ ମାମଲା ସମ୍ପର୍କରେ ତଥ୍ୟ ଜାରି କରାଯାଇଛି । ଚଳିତବର୍ଷ ମୋଟ ୨୦୦ ଅପରାଧିକ ମାମଲା ରୁଜୁ କରାଯାଇ ୧୮୧ଜଣ ସରକାରୀ ଅଧିକାରୀ ଓ ଅନ୍ୟମାନଙ୍କୁ ଗିରଫ କରାଯାଇଛି ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି । ଭିଜିଲାନ୍ସ ମାମଲା ରୁଜୁ ହୋଇଥିବା ସଂଖ୍ୟାରେ ୫୦ଜଣ ପ୍ରଥମଶ୍ରେଣୀ ଅଧିକାରୀ ଥିବା ଜଣାପଡିଛି । ଚଳିତବର୍ଷ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୨୫ଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କୃତ କରାଯାଇଛି ବୋଲି ଭିଜିଲାନ୍ସ ବିଭାଗର ନିର୍ଦ୍ଦେଶକ ଯଶୋବନ୍ତ ଜେଠୱା କହିଛନ୍ତି ।

# ରାଜ୍ୟ ସରକାର-ସମ୍ପତ୍ତି ତାଲିକା

ରାଜ୍ୟ ସରକାର ପ୍ରଥମ ଶ୍ରେଣୀ ଏବଂ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ମାନଙ୍କର ସମ୍ପତ୍ତି ତାଲିକାର ତଥ୍ୟ ଆସନ୍ତା ଜାନୁଆରୀ ମାସ ୩୧ ତାରିଖ ସୁଦ୍ଧା ଦେବାପାଇଁ କହିଛନ୍ତି । ଆସନ୍ତାକାଲି ଜାନୁଅରୀ ୧ ସୁଦ୍ଧା ଏହି ପାହ୍ୟାର ଅଧିକାରୀ ମାନଙ୍କର ନାମରେ ଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ବିବରଣୀ **e-hrms** ପୋର୍ଟାଲରେ ଦାଖଲ କରିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି ।

# ଶ୍ରୀମନ୍ଦିର-ବୈଠକ

୨୦୨୪ ମସିହାକୁ ବିଦାୟ ଦେବା ସହ ଇଂରାଜୀ ନବବର୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ହୋଇଯାଇଛି । ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ହୋଇଥିବା ବୈଠକରେ ଶ୍ରୀଜୀଉମାନଙ୍କର ନୀତିକାନ୍ତି ଏବଂ ଶୃଙ୍ଖଳିତ ଦର୍ଶନ ସହିତ ଟ୍ରାଫିକ ପରିଚାଳନା ନେଇ ଆଲୋଚନା ହୋଇଥିଲା । ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି...

**- V/O –**

## ଖରିଫ ମାଣ୍ଡିଆ ସଂଗ୍ରହ-ଚାଷୀ ପଞ୍ଜିକରଣ

ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ସମୟସୀମାକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି । ଆସନ୍ତା ଜାନୁଆରୀ ମାସ ୩୧ ତାରିଖ ସୁଦ୍ଧା ମାଣ୍ଡିଆ ବିକିବା ପାଇଁ ଚାଷୀମାନେ ନାମ ପଞ୍ଜିକରଣ କରିପାରିବେ । କୃଷକ ଓଡ଼ିଶା' ପୋର୍ଟାଲରେ ଚାଷୀମାନେ ନାମ ପଞ୍ଜିକରଣ କରିବା ପାଇଁ କୁହାଯାଇଛି । ଭାଗଚାଷୀ ଏବଂ ଜଙ୍ଗଲ ଜମିରେ ଚାଷ କରୁଥିବା ଚାଷୀମାନେ ମଧ୍ୟ ମାଣ୍ଡିଆ ବିକିବା ପାଇଁ ପଞ୍ଜିକରଣ କରିପାରିବେ । ପଞ୍ଜିକରଣର ତାରିଖ ଶେଷ ହେବା ପରେ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରକାଶ ପାଇବ । ଆସନ୍ତାକାଲିଠାରୁ ଚଳିତବର୍ଷର ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀମାନେ ନାମ ପଞ୍ଜିକରଣ କରିପାରିବେ । ଆଧାରକାର୍ଡ ଏବଂ ଆଧାରକାର୍ଡ ସହିତ ଯୋଡ଼ି ହୋଇଥିବା ମୋବାଇଲ ନମ୍ବର, ଆଧାର ନମ୍ବର ସହିତ ଯୋଡ଼ି ହୋଇଥିବା ବ୍ୟାଙ୍କ ଖାତାର ତଥ୍ୟ ପଞ୍ଜିକରଣ ପାଇଁ ଆବଶ୍ୟକତା ରହିଛି । ଏହାବ୍ୟତୀତ ଭାଗଚାଷୀଙ୍କ କ୍ଷେତ୍ରରେ ଭାଗଚାଷୀଙ୍କର ସ୍ୱୀକୃତିପତ୍ରର ମଧ୍ୟ ଆବଶ୍ୟକତା ରହିଛି ।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆସନ୍ତା ଜାନୁଆରୀ ମାସ ୭ ତାରିଖରେ ଅନୁଷ୍ଠିତ ହେବ । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ପାଇଁ ରାଜ୍ୟରେ ୭ଶହ ଅଣାନବେଟି କେନ୍ଦ୍ରରେ ପରୀକ୍ଷା କରାଯିବ ।

ପରିଷଦ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ସହ ଛାତ୍ରଛାତ୍ରୀଙ୍କ ପାଇଁ ଆଡମିଟ କାର୍ଡ ଓଡ଼ିଶା ମାଧ୍ୟମିକ ଶିକ୍ଷାପରିଷଦ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି । ମିଳିଥିବା ସୂଚନା ଅନୁସାରେ ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ୧ଲକ୍ଷ ୪୧ହଜାର ୩୬୦ଜଣ ଆବେଦନ କରିଥିବାବେଳେ ସପ୍ତମ ଶ୍ରେଣୀ ପାଇଁ ୧୦ହଜାର ୮୬, ଅଷ୍ଟମ ଶ୍ରେଣୀ ପାଇଁ ୫ହଜାର ୭୭୪ ଏବଂ ନବମ ଶ୍ରେଣୀ ପାଇଁ ୩ହଜାର ୧୮୯ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି । ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀରେ ୮୭୫ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବା ଜଣାପଡିଛି ।

## ମାଧୋ ସିଂଙ୍କ ବଳିଦାନ ଦିବସ

ଭାରତର ଇତିହାସରେ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ବରଗଡ ଜିଲ୍ଲାର ଘେଁସ ଜମିଦାର ସହିଦ ମାଧୋ ସିଂଙ୍କର ପୁଣ୍ୟତିଥିରେ ରାଜ୍ୟବାସୀ ଆଜି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ବୀର ସୁରେନ୍ଦ୍ର ସାଏଙ୍କର ପ୍ରେରଣାରେ ଇଂରେଜ ମାନଙ୍କର ରାଜସ୍ୱ ଆଦାୟ ନୀତିକୁ ବିରୋଧ କରି ମାଧୋ ସିଂ ତତ୍କାଳୀନ ସରକାରଙ୍କ ରୋଷର ଶିକାର ହୋଇଥିଲେ । ଏକ ମିଥ୍ୟା ଅପରାଧ ଅଭିଯୋଗରେ ସମ୍ବଲପୁର ଜେଲ୍‌ରେ ୧୮୫୮ ମସିହା ଆଜିର ଦିନରେ ମାଧୋ ସିଂଙ୍କୁ ଫାଶୀ ଦିଆଯାଇଥିଲା । ମାଧୋ ସିଂଙ୍କ ବ୍ୟତୀତ ତାଙ୍କ ପରିବାର ଏବଂ ସମ୍ପର୍କୀୟଙ୍କ ମଧ୍ୟରୁ ଦେଶ ସ୍ୱାଧୀନତା ପାଇଁ ଯେଉଁମାନେ ପ୍ରାଣବଳୀ ଦେଇଛନ୍ତି ସେମାନେ ହେଲେ ହଟେ ସିଂ, କୁଞ୍ଜଲ ସିଂ, ବୈରୀ ସିଂ, ଐରୀ ସିଂ ଏବଂ ଗୋବିନ୍ଦ ସିଂ । ସହିଦ ଯୋଦ୍ଧା ମାଧୋ

ସିଂଙ୍କ ବଳିଦାନକୁ ଚିର ସ୍ମରଣୀୟ ରଖିବା ପାଇଁ ରାଜ୍ୟ ସରକାର ୧୯୯୭ ମସିହାଠାରୁ ଆଜିର ଦିନକୁ ବୀରତା ଦିବସ ଭାବେ ପାଳନ କରି ଆସୁଛନ୍ତି । ତାଙ୍କର ପୈତୃକ ଗ୍ରାମ ଘେଁସ ଠାରେ ଏକ ସହିଦ ସ୍ମୃତିସ୍ତମ୍ଭ ନିର୍ମାଣ କରାଯିବା ସହିତ ତାଙ୍କ ବାସଗୃହର ରକ୍ଷଣାବେକ୍ଷଣ କରାଯାଇଛି । ବରଗଡ ସହରର ଗୋଟିଏ ଛକକୁ ମାଧୋ ସିଂଙ୍କ ସ୍ମୃତିରେ ବୀର ଛକ ନାମରେ ନାମିତ କରାଯାଇଛି ।

ବଳିଦାନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତି ପରିଡ଼ା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହିଦ ଜମିଦାର ମାଧୋ ସିଂଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

ମାଧୋ ସିଂଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟ ସରକାର ଆସନ୍ତା ୫ ତାରିଖରେ ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନାର ଶୁଭାରମ୍ଭ କରିବେ । ଏହି ଯୋଜନାରେ ଯେଉଁ ଜନଜାତି ପରିବାରର ବାର୍ଷିକ ଆୟ ୨ଲକ୍ଷ ୫୦ହଜାର ଟଙ୍କାରୁ କମ୍ ଥିବ ସେମାନଙ୍କ ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ବାର୍ଷିକ ୫ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯିବ ।

## ଆକାଶବାଣୀ କାର୍ଯ୍ୟକ୍ରମ

୨୦୨୪ ମସିହାର ଶେଷ ଦିନରେ ବର୍ଷତମାମ ଘଟିଥିବା ପ୍ରମୁଖ ଘଟଣାକୁ ନେଇ ଆକାଶକବାଣୀ କଟକ ଆଞ୍ଚଳିକ ସମ୍ବାଦ ବିଭାଗ ତରଫରୁ ‘ଚର୍ଚ୍ଚାରେ-୨୦୨୪’ ପ୍ରସ୍ତୁତ କରାଯାଇଛି । ଏହି ବିଶେଷ କାର୍ଯ୍ୟକ୍ରମ

ଆକାଶବାଣୀ କଟକ କେନ୍ଦ୍ରରୁ ଆଜି ରାତି ୧୦ଟାରେ ପ୍ରସାରଣ କରାଯିବ ।

## ପରିବହନ ପ୍ରାଧିକରଣ ନିଷ୍ପତ୍ତି

ମଦ୍ୟପ ଗାଡ଼ିଚାଳକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ନିଷ୍ପତ୍ତି ନେଇଛି । ଆଜି ମଧ୍ୟରାତ୍ରରୁ ଏଥିପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେଉଛି । ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀ ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ପରିବହନ ଆୟୁକ୍ତ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ସ୍ଥଳେ ଗାଡ଼ି ମାଲିକଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରାଜ୍ୟରେ ଆସନ୍ତା କାଲିଠାରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯିବ । ଆଜି ମଧ୍ୟରାତ୍ରରୁ ଆସନ୍ତା ୭ ତାରିଖ ଯାଏଁ ଏହି ସ୍ୱତନ୍ତ୍ର ଅଭିଯାନ ଜାରି ରହିବ ବୋଲ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲିର ପୁରୁଷ ବର୍ଗ ମ୍ୟାଚ୍‌ରେ ୟୁପି ରୁଦ୍ରସ’ କଳିଙ୍ଗ ଲାନ୍ସର୍ସକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି । ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କଳିଙ୍ଗ ଲାନ୍ସର୍ସ ପ୍ରଥମେ ଗୋଲ୍ ଦେଇ ଖେଳରେ ଆଗୁଆ ରହିଥିଲେ ମଧ୍ୟ ଦ୍ୱିତୀୟାର୍ଦ୍ଧରେ ୟୁପି ରୁଦ୍ରସ ୩ଟି ଗୋଲ

ସ୍କୋର କରି ମ୍ୟାଚ୍‌କୁ ନିଜ ଅକ୍ତିଆରକୁ ନେଇଥିଲା । ଦିଲ୍ଲୀ ଏସ୍‌ଜି ପାଇପର୍ସ ଏବଂ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ଆଜି ମୁକାବିଲା ହେବ ।